# Akashvani, Sambalpur

## SAMBALPURI NEWS EVENING BULLETIN

## 18 March 2024- 7.02 pm- 7.12 pm.

*********************************************

୧- ନିର୍ବାଚନ୍ ବଣ୍ଡ ବାବଦ୍ ସବୁ ତଥ୍ୟ ଆଏବା ଗୁରୁବାର୍‌ତକ୍ ଦାଖଲ୍ କର୍‌ବାର୍ ଲାଗି ଭାରତୀୟ ଷ୍ଟେଟ୍‌ବେଙ୍କ୍‌କେ ନିର୍ଦ୍ଦେଶ୍ ଦେଲେ ସୁପ୍ରିମ୍‌କୋର୍ଟ ।

୨- ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ହେଇଛେ ନିର୍ବାଚନୀ ବାବଦ୍ ବୈଠକ୍ ।

୩- ଆଇଆଇଏମ୍ ସମ୍ବଲ୍‌ପୁର୍ ନ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପ୍ରୋଗ୍ରାମ୍‌ଥି ନାଁ ଲେଖା ଲାଗି ମୁଳ୍ ହେଲା ପ୍ରକ୍ରିୟା ।

ଆଉର୍

୪- ରାଜ୍ୟର କେତେଟା ଜିଲ୍ଲା ନ ଆଏବା କାଏଲ୍‌ନୁ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ରର୍ ଅନୁମାନ୍ ।

ନିର୍ବାଚନ ବଣ୍ଡ ମାମ୍‌ଲା        ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟ ନିର୍ବାଚନ୍ ବଣ୍ଡ୍ ସଙ୍ଗେ ସାମିଲ୍ ପୁରା ବିବରଣୀ ଆଏବା ଗୁରୁବାର୍‌ତକ୍ ଦେବାର୍‌କେ ଭାରତୀୟ ଷ୍ଟେଟ୍‌ବେଙ୍କ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ନିର୍ବାଚନ୍ ବଣ୍ଡ୍ ସଙ୍ଗେ ସାମିଲ୍ ସବୁ ତଥ୍ୟ ଦେବାର୍‌କେ କହିଛନ୍ । ଏସ୍‌ବିଆଇ ଦାଖଲ୍ କରିଥିବା ନିର୍ବାଚନୀ ବଣ୍ଡ୍ ବିବରଣୀ ପୁରା ନୁହେଁ ବଲି କହିକରି ୫ ଜନିଆ ଖଣ୍ଡପୀଠ ଆଘୋନୁ ବେଙ୍କ୍‌କେ ନୋଟିସ୍ ଜାରି କରିଥିଲେ ଆର୍ ଆଏଜ୍ ଇ ବାବ୍‌ଦେ ଶୁଣାଣି ଲାଗି ଦିନ୍ ଧାରିଜ୍ ହେଇଥିଲା । ସୁପ୍ରିମ୍‌କୋର୍ଟ ଗଲା ୧୧ ତାରିଖ୍ ଦିନ ଦେଇଥିବା ନିର୍ଦ୍ଦେଶ୍ ଅନ୍‌ସାରେ ଷ୍ଟେଟ୍‌ବେଙ୍କ୍‌କେ ଇଲେକ୍ଟ୍ରୋରାଲ୍ ବଣ୍ଡ୍ ମାନ୍‌କର୍ ପୁରା ବିବରଣୀ, କ୍ରୟ ତାରିଖ୍, କ୍ରେତାଙ୍କର୍ ନାଁ, ବଣ୍ଡ୍ ନମ୍ବର୍ ଆର୍ ଟଙ୍କା ନେଇଥିବା ଦଲ୍ ବାବ୍‌ଦେ ସୂଚ୍‌ନା ଦେବାର୍‌କେ କହିଥିଲେ ।

ନିର୍ବାଚନ ଆୟୋଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକ୍‌ସଭା ନିର୍ବାଚନ୍ ଆଘୋନୁ ନିର୍ବାଚନ ଆୟୋଗ ଆଏଜ୍ ୬ଟା ରାଜ୍ୟର ଗୃହ ସଚିବ ଆଉ ପଶ୍ଚିମବଙ୍ଗ ପୁଲିସ ମହାନିର୍ଦ୍ଦେଶକଙ୍କୁ ତାଙ୍କ ପଦନୁ ବାହାର୍ କରିଦେଇଛନ୍ ।

ସେମାନ୍‌କର୍ ଭିତ୍‌ରେ ଗୁଜରାଟ, ଉତରପ୍ରଦେଶ, ବିହାର, ଝାର୍‌ଖଣ୍ଡ, ହିମାଚଳ ପ୍ରଦେଶ ଆଉ ଉତରାଖଣ୍ଡର ଗୃହ ସଚିବ ରହିଛନ୍ । ସେନ୍ତା ମିଜୋରାମ ଆଉ ହିମାଚଳ ପ୍ରଦେଶର ସାଧାରଣ ପ୍ରଶାସନିକ ବିଭାଗର ସଚିବଙ୍କୁ ଭିଲ୍ ବଦ୍‌ଲି କରାଯାଇଛେ । ଇତାର୍ ଛଡା ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲିଟି କମିଶନର ଇକ୍‌ବାଲ୍ ସିଂ ଚହଲ୍‌ଙ୍କ ସହେତେ ଅତିରିକ୍ତ କମିଶନର ଆଉ ଡେପୁଟି କମିଶନରଙ୍କୁ ପଦନୁ ବାହାର୍ କର୍‌ବାର୍‌କେ ନିର୍ବାଚନ ଆୟୋଗ୍ ନିର୍ଦ୍ଦେଶ ଦେଇଛନ୍ ।

ପୁଲିସ୍ ନିର୍ବାଚନୀ ସମୀକ୍ଷା ବୈଠକ୍        ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀଙ୍କର୍ ଅଧ୍ୟକ୍ଷତାଥି ନିର୍ବାଚନୀ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଏବା ସାଧାରଣ ନିର୍ବାଚନ୍ ଲାଗି ପ୍ରସ୍ତୁତି ବାବ୍‌ଦେ ହେଇଥିବା ଇ ବୈଠକ୍‌ଥି ପୁଲିସ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ଗୁଇନ୍ଦା ବିଭାଗ୍‌ର ନିର୍ଦ୍ଦେଶକ୍ ସୋମେନ୍ଦ୍ର ପ୍ରୀୟଦର୍ଶୀ, ଆଇନ୍ ଶୃଙ୍ଖଲା ବିଭାଗ୍‌ର ଏଡିଜି ସଞ୍ଜୟ କୁମାର୍‌ଙ୍କର୍ ସହେତେ ବହୁତ୍‌ଟେ ବରିଷ୍ଠ ପୁଲିସ୍ ଅଧିକାରୀ ଭିଲ୍ ଉପସ୍ଥିତ୍ ଥିଲେ ।  ବୈଠକ୍‌ଥି ସବୁ ଜିଲ୍ଲାର୍ ଏସ୍.ପି.ମାନେ ଅନ୍‌ଲାଇନ୍ ଜରିଏ ସାମିଲ୍ ହେଇଥିଲେ ।

ଶ୍ରୀ ଷଡ଼ଙ୍ଗୀ ଆଏଜ୍ ହେଇଥିବା ସମୀକ୍ଷା ବୈଠକ୍ ଉତାରୁ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ,
(ଭଏସ୍ ଓଭର୍- ୧- ଅରୁଣ୍ ଷଡଙ୍ଗୀ)

ଭୁବ୍‌ନେଶ୍ୱର୍ କେପିଟାଲ୍ ହସ୍ପିଟାଲ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍‌ର କେପିଟାଲ୍ ହସ୍ପିଟାଲ୍‌କେ ଜାତୀୟ ଗୁଣାତ୍ମକ ଏସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ - ଏନ୍‌କ୍ୱାସ୍ ତର୍‌ଫୁ କ୍ୱାଲିଟି ସାର୍ଟିଫିକେଟ୍ ମିଳିଛେ । ରାଜ୍ୟର୍ ଇ ଡାକ୍ତର୍‌ଖାନା ଦେଶେ ୧ ନମ୍ବର୍ ଠାନ୍ ପାଇଛେ । ଇ ବାବ୍‌ଦେ ଏନ୍‌କ୍ୱାସ୍ ତର୍‌ଫୁ କେପିଟାଲ୍ ହସ୍ପିଟାଲ୍‌କେ ସାର୍ଟିଫିକେଟ୍ ସହେତେ ୭୦ ଲାଖ୍ ଟଙ୍କା ପୁରସ୍କାର୍ ମିଲ୍‌ବା । ମିଲିଥିବା ସୂଚ୍‌ନା ଅନ୍‌ସାରେ ହସ୍ପିଟାଲ୍‌ର ଶଯ୍ୟା ପିଛା ୧୦ ହଜାର୍ ଲେଖା ଅତିରିକ୍ତ ଟଙ୍କା ମିଲ୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁଲାଇ ୭ ତାରିଖ୍‌ଥି ଏନ୍‌କ୍ୱାସ୍ ତର୍‌ଫୁ ଗୁଟେ ଟିମ୍ ୩ ଦିନ୍ ଧରିକରି କେପିଟାଲ୍ ହସ୍ପିଟାଲ୍ ନ ଥିବାର୍ ୧୮ ଟା ବିଭାଗ୍‌କେ ବିସ୍ତୃତ୍ ଭାବେ ଯାଂଚ୍ କରିଥିଲେ । ଭିନ୍ ଭିନ୍ ବିଭାଗ୍‌ଥି ଅତ୍ୟାଧୁନିକ୍ ଅସ୍ତ୍ରୋପଚାର୍, ରୋଗୀଙ୍କର୍ ସୁରକ୍ଷା, ଜୀବାଣୁ ମୁକ୍ତ ପରିବେଶ୍, ମାନକ ସମ୍ବଳ ଆର୍ ମହିଳା ଆର୍ ଶିଶୁମାନ୍‌କର୍ ସ୍ୱାସ୍ଥ୍ୟ ସୁବିଧା ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ଅନୁଧ୍ୟାନ୍ କରିଥିଲେ । କେପିଟାଲ୍ ହସ୍ପିଟାଲ୍‌କେ ମିଲିଥିବା ଇ ସମ୍ମାନ୍ ଆଏବା ଦିନେ ଡାକ୍ତର୍

ନର୍ସ ଆର୍ କର୍ମଚାରୀମାନ୍‌କୁ ତହଁକାବାର୍ ସହେତେ ବଢ଼ିଆ ସ୍ୱାସ୍ଥ୍ୟସେବା ଯୁଗାବାର୍ କ୍ଷେତ୍ର ନ ସାହାଜ୍ କର୍‌ବା ବଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ୍ କହିଛନ୍ ।

ପୁରୀ ଶ୍ରୀମନ୍ଦିର୍ -ଡିପୋଜିଟ୍ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌କେ ଭିନ୍ ଭିନ୍ ସୂତ୍ରନୁ ମିଲିଥିବା ଟଙ୍କା ଭିତ୍‌ରୁ ୩୯ କୋଟି ୨୧ ଲାଖ୍ ଟଙ୍କା ପ୍ରଶାସନ୍ ତର୍‌ଫୁ ବେଙ୍କ୍ ନ ଜମା କରାଯାଇଛେ । କାନାଡ଼ା ବେଙ୍କ୍ ନ ୭ ଦଶ୍‌ମିକ୍ ୮/ଶୂନ୍ ପ୍ରତିଶତ୍ ସୁଧ ହାରଥି ୩୬ କୋଟି ୩ ଲାଖ୍ ଟଙ୍କା ଜମା କରାଯାଇଛେ । ସେନ୍ତା ୭ ଦଶ୍‌ମିକ୍ ୫/୫ ସୁଧହାରଥି ବେଙ୍କ୍ ଅଫ୍ ବରୋଦା ନ ଭିଲ୍ ଜମା କରାଯାଇଥିବା ଖବର୍ ଆମର୍ ହସ୍ତଗତ ହେଇଛେ ।

ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପ୍ରୋଗ୍ରାମ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର୍ ନ ୨ ବର୍ଷିଆ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପ୍ରୋଗ୍ରାମ୍ - ୨୦୨୪-୨୬ ବଛର୍ ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଆଏବା ୩୧ ତାରିଖ୍ ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ରହିଛେ । iimsambalpur.ac.in/executive-mba ନୁ ଅଏତ୍‌କା ବିବରଣୀ ଆଉ ବ୍ରୋଚର୍ ମିଲିପାରୁଛେ ।

ଆଇଆଇଏମ୍ ସମ୍ବଲପୁର୍‌ର ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଯୟସ୍ୱାଲ୍ କହିଛନ୍ ଯେ, ଅଂଶଗ୍ରହଣ୍‌କାରୀମାନ୍‌କୁ ସେମାନ୍‌କର୍ ଉଦ୍ୟୋଗୀ ଦକ୍ଷତା ଆଉ ରଣନୀତିଥି ଉନ୍ନତି ଆନ୍‌ବାର୍, ସେମାନ୍‌କର୍ ବ୍ୟକ୍ତିଗତ ବିକାଶ୍‌କେ ସକ୍ରିୟ କର୍‌ବାର୍, ସଂଗଠନ୍ ମାନ୍‌କୁ ପରବର୍ତ୍ତୀସ୍ତର୍‌କେ ନେବାର୍ ଆର୍ ଦାୟିତ୍ୱବାନ୍ ଲିଡ଼ର ଭାବେ ଉଭା ହେବାର୍ ଟା ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପ୍ରୋଗ୍ରାମର ଲକ୍ଷ୍ୟ ଆଏ ।

ରାଜନୈତିକ୍ ଦଲ୍ ବୈଠକ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଗୌର ଶିବାଜୀ ଇସଲ୍‌ୱାର୍‌ଙ୍କର୍ ଅଧ୍ୟକ୍ଷତାଥି ସାଧାରଣ ନିର୍ବାଚନ୍ ୨୦୨୪ ବାବ୍‌ଦେ ଆଲୋଚନା କର୍‌ବାର୍ ଲାଗି ରାଜନୈତିକ୍ ଦଲ୍ ମାନ୍‌କର୍ ଗୁଟେ ବୈଠକ୍ ହେଇଯାଇଛେ । ଗଣତାନ୍ତ୍ରିକ ମୂଲ୍ୟବୋଧକେ ବଜାୟ ରଖିବାର୍ ସହେତେ ଭୋଟର୍‌ମାନ୍‌କୁ ଅଂଶଗ୍ରହଣ୍ କର୍‌ବାର୍ ଲାଗି ତହଁକାବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ । ଇତାର୍‌ଛଡ଼ା ନିର୍ବାଚନ୍‌କେ ସଫଲ୍ କର୍‌ବାର୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍‌ର ସହଯୋଗ୍ କାମନା କରିଥିଲେ । ବୈଠକ୍‌ଥି ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ ।

ଆଦର୍ଶ ମତଦାନ୍ କେନ୍ଦ୍ର          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ନିର୍ବାଚନ୍‌କେ ଆକର୍ଷଣ ଆର୍ ଭୋଟର୍‌ମାନ୍‌କୁ ମତଦାନ୍ ବାବ୍‌ଦେ ଆକୃଷ୍ଟ କର୍‌ବାର୍ ଲାଗି ଆଦର୍ଶ ମତଦାନ୍ କେନ୍ଦ୍ର, ସଖୀ, ଦିବ୍ୟାଙ୍ଗ ଆର୍ ଯୁବ ବୁଥ୍ କର୍‌ବାର୍ ବ୍ୟବସ୍ଥା କରାଯାଇଛେ । ଜିଲ୍ଲାର୍ ୨ ଟା ନିର୍ବାଚନ୍ ମଣ୍ଡଲୀଥି ୪୦ ଟା ସଖୀ, ୧୦ ଟା ଯୁବ ମତଦାନ୍ କେନ୍ଦ୍ର ଆଉ ୨ ଟା ଦିବ୍ୟାଙ୍ଗ ବୁଥ୍ ରହିଛେ ।

ଇ ବାବ୍‌ଦେ ଜିଲ୍ଲାପାଲ୍ ହେମକାନ୍ତ ସାଏ କହିଛନ୍ ଯେ, ଜିଲ୍ଲା ନ ୪ ଲାଖ୍ ୯୪ ହଜାର୍ ୪ ଶହ ୪୮ ଝନ୍ ଭୋଟର୍ ଅଛନ୍ । ସେଥିର୍‌ଭିତ୍‌ରୁ ୨ ଲାଖ୍ ୪୮ ହଜାର୍ ୨ ଶହ ୪ ଝନ୍ ମହିଳା ଭୋଟର୍ ଥିବାର୍ ବେଲେ ୨ ଲାଖ୍ ୪୬ ହଜାର୍ ୨ ଶହ ୨ ପୁରୁଷ ଭୋଟର୍ ଅଛନ୍ । ଜିଲ୍ଲା ନ ୬ ଶହ ୩ ଟା ମତଦାନ୍ କେନ୍ଦ୍ର ଅଛେ । ସମ୍ବେଦନଶୀଳ ବୁଥ୍‌ମାନ୍‌କେ କଡ଼ାକଡ଼ି ବ୍ୟବସ୍ଥା କରାଯାଇକରି ସିସିଟିଭି ବ୍ୟବସ୍ଥା କରାଯିବା । ଜିଲ୍ଲା ନ ୨ ଟା ବିଧାନ୍‌ସଭା ଆଉ କଲାହାଣ୍ଡି ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀ ରହିଛେ । ନୂଆପଡ଼ା ନିର୍ବାଚନ୍ ମଣ୍ଡଲୀ ନ ୩ ଶହ ୧ ଆର୍ ଖଡ଼ିଆଲ୍ ନିର୍ବାଚନ୍ ମଣ୍ଡଲୀ ନ ୩ ଶହ ୨ ଟା ମତଦାନ୍ କେନ୍ଦ୍ର ଅଛେ । ଭୋଟ୍ ଲାଗି ସବୁ ଇଭିଏମ୍ ମହଜୁଦ୍ ଅଛେ । ୧୬ ଶହ ୨୮ ଟା ବେଲଟ୍ ୟୁନିଟ୍ ୧ ହଜାର୍ ୫ ଶହ ୭୮ ଟା କଂଟ୍ରୋଲ୍ ୟୁନିଟ୍ ଆଉ ୧୭ ଶହ

୩୧ ଟା ଭିଭିପାଟ୍ ରହିଥିବାର୍ ଜିଲ୍ଲାପାଲ୍ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇଛନ୍ ।

ପୁଲିସ୍ ଫ୍ଲାଗ୍‌ମାର୍ଚ୍ଚ          ବୌଦ୍ଧ ସମ୍ବାଦ୍‌ଦାତା

ବୌଦ୍ଧ ଜିଲ୍ଲାର୍ ହର୍‌ଭଙ୍ଗା ଥାନାର୍ ଛତ୍‌ରଙ୍ଗ୍ ସହେତେ ଅଲ୍‌ଗା କିଛି  ସମ୍ବେଦନଶୀଳ ଗାଁ ନ ଜିଲ୍ଲା ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛେ । ସାଧାରଣ୍ ନିର୍ବାଚନ୍‌କେ ନଜର୍‌ଥି ରଖିକରି ହର୍‌ଭଙ୍ଗା ଥାନାର୍ ଛତ୍‌ରଙ୍ଗ୍, ଧୁଙ୍ଗିଆମୁଣ୍ଡା, ଖର୍‌ଭୂଇଁ, ଗୁଣ୍ଡୁରିସାହି, କଣ୍ଡିପଦର୍ ଗାଁ ମାନ୍‌କେ ପୁଲିସ୍ ତର୍‌ଫୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇକରି ଶାନ୍ତିଶୃଙ୍ଖଲା ବଜାୟ ରଖିବାର୍ ଲାଗି ଲୋକ୍‌ମାନ୍‌କୁ ନିବେଦନ କରାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ନିର୍ବାଚନ୍ ସୁରୁଖୁରୁଥି ସାର୍‌ବାର୍ ଲାଗି ଜିଲ୍ଲା ପୁଲିସ୍ ତର୍‌ଫୁ ୫ ଶହ ୪୦ ଝନ୍ ପୁଲିସ୍, ୨ କମ୍ପାନୀ ସିଆର୍‌ପିଏଫ୍‌ଙ୍କର୍ ସହେତେ ଏସ୍‌ଓଜି ଜବାନ୍ ମୁତୟନ ରହେବେ । ସେଆଡ଼େ ଜିଲ୍ଲା ନ ୬୮ ଟା ମାଓପ୍ରବଣ ବୁଥ୍ ଚିହ୍ନଟ୍ କରାଯାଇଥିବାର୍ ବେଲେ ଜରୁରୀକାଲୀନ୍ ସ୍ଥିତିର ମୁକାବିଲା ଲାଗି ୧୦ ଟା ଅସ୍ଥାୟୀ ହେଲିପେଡ୍ ତିଆର୍ କରାଯାଇଛେ ବଲି ବୌଦ୍ଧ ଏସ୍.ପି. କହିଛନ୍ ।

ବଉଲ ନାଟକ୍ ଆଉ ଲୋକମହୋତ୍ସବ୍ ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବ୍ଲକ୍‌ର ଖଟ୍‌ଖଟିଆ ଠାନେ ରାଜ୍ୟସ୍ତରୀୟ ବଉଲ ନାଟକ୍ ଆଉ ଲୋକମହୋତ୍ସବ୍ ଉଦ୍‌ଘାଟିତ୍ ହେଇଛେ । ଇ ଅବ୍‌ସରେ ଆଏଜ୍ ଉପର୍‌ବେଲା ମହିଳା ସଂକୀର୍ତନ୍, ପର୍‌ଭା ନାଚ୍, ଝାଲିଆ ଶବର ନାଚ୍ ସଙ୍ଗେ ଗୁଟେ ମଶାଲ୍ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ମହୋତ୍ସବ୍‌ଥି ଜିଲ୍ଲା ଆଉ ଜିଲ୍ଲା ବାହାରର୍ କଲାକାର୍‌ମାନେ ଯୋଗ୍ ଦେଇଛନ୍ ।

କେଓ୍ୱାଇସି ଆପ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ୍ ଆୟୋଗ୍ 'ନୋ- ୟୋର୍ କେଣ୍ଡିଡେଟ୍- କେଓ୍ୱାଇସି' ମୋବାଇଲ୍ ଆପ୍ଲିକେସନ୍‌କେ ଭୋଟର୍ ମାନ୍‌କର୍ ଲାଗି ଗଲାକାଏଲ୍ ଶୁଭାରମ୍ଭ୍ କରିଛନ୍ । ଗୁଗୁଲ୍ ପ୍ଲେ ଷ୍ଟୋର୍ ଆର୍ ଆପଲ୍ ଆପ୍ ଷ୍ଟୋର୍ ପ୍ଲାଟ୍‌ଫର୍ମଥି ଇ ଆପ୍‌କେ ଡାଉନ୍‌ଲୋଡ୍ କରି ହେବା । ଆପ୍ ଜରିଏ ଲୋକ୍‌ସଭା ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନ୍‌କର୍ ବାବ୍‌ଦେ ସବୁ ପ୍ରକାର୍‌ର ସୂଚ୍‌ନା ଯେନ୍ତାକି ପ୍ରାର୍ଥୀମାନ୍‌କର୍ ଅପରାଧୀକ୍ ରେକର୍ଡ୍, ତାଙ୍କର୍ ସ୍ଥାବର ଅସ୍ଥାବର ସମ୍ପତିର୍ ବିବରଣୀ ବାଗିର୍ ଭିନ୍ ଭିନ୍ ତଥ୍ୟ ଜାନି ହେବା ।

ଓଜେଇଇ                    ଆର୍ଏନ୍ୟୁ /  ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ସମିଆ ବଢ଼ାଯାଇଛେ । ପରୀକ୍ଷାର୍ଥୀମାନେ ଆଏବା ୨୨ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ ବଲି ଓଜେଇଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେନ୍ତା ୨୩ ନୁ ୨୫ ତାରିଖ୍ ଭିତ୍‌ରେ ଆବେଦନ୍‌କାରୀମାନ୍‌କୁ ଫର୍ମ ସଂଶୋଧନ୍ ଲାଗି ସୁଯୋଗ୍ ମିଲ୍‌ବା । ଜାନୁଆରୀ ୨୫ ତାରିଖ୍‌ନୁ ଇଥିର୍‌ଲାଗି ଆବେଦନ୍ ମୁଲ୍ ହେଇଥିବାର୍ ବେଲେ ଶେଷ୍ ଦିନ୍ ଇ ମାସର୍ ୧୫ ତାରିଖ୍ ଥିଲା ।  ଏପ୍ରିଲ୍ ୩୦ ତାରିଖ୍ ଦିନ ଏଡ଼ମିଟ୍‌କାର୍ଡ଼ ବାହାର୍‌ବା । ମେ ପହେଲା ହପ୍ତାଥି ପରୀକ୍ଷା କର୍‌ବାର୍‌କେ ଯୋଜ୍‌ନା ରଖାଯାଇଛେ । ଇ ବାବ୍‌ଦେ ସବୁ ସୂଚ୍‌ନା ଓଜେଇଇ ୱେବ୍‌ସାଇଟ୍ www.ojee.nic.in ଥି ମିଲିପାରୁଛେ ।ପାଣିପାଗ       ଆର୍ଏନ୍ୟୁ/ କଟକ୍

ଓଡ଼ିଶା ଉପକୂଳ ବଙ୍ଗୋପ୍‌ସାଗର୍ ନ ଗୁରୁଚାପ ବଳୟ ବଢୁଥିବାର୍‌ନୁ ବାୟୁମଣ୍ଡଲ୍‌ର ମଧ୍ୟଭାଗ୍‌ନୁ ଉପର୍‌ଭାଗ୍ ଭିତ୍‌ରେ ନିମ୍ନଚାପରେଖା ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍‌ପ୍ରଭାବ୍‌ଥି ଆଏବାକାଏଲ୍‌ଠାନୁ କେତେଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା

ଅଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ସେସବୁ ଇଲାକା ନ ଘଂଟାକ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବହେବାର୍ ପୂର୍ବାନୁମାନ୍ କରାଯାଇଛେ । ଇତାର୍ ସହେତେ ଆଏବା ୨୧ ତାରିଖ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା । ଆଏବା ୨୪ ଘଂଟା ଭିତ୍ରେ ବୌଦ୍ଧ, କନ୍ଧମାଲ୍, କଲାହାଣ୍ଡି, ବଲାଙ୍ଗିର୍, ରାୟଗଡ଼ା, ନବରଙ୍ଗ୍ପୁର୍, ଅନୁଗୁଲ୍, ନୟାଗଡ଼୍ ଆର୍ ଢେଙ୍କାନାଲ୍ ଜିଲ୍ଲା ନ ବର୍ଷା ହେବାର୍ ସମ୍ଭାବନା ଥିବାର୍ନୁ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଆର୍ କଟକ୍, ଗଞ୍ଜାମ୍ ଆର୍ ଖୋର୍ଦ୍ଧା ଜିଲ୍ଲା ନ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।